# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13 November – 2025

********************************

## ମୁଖ୍ୟ ସମ୍ବାଦ

- ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ୍‌ଗଣତି ହୋଇ ପ୍ରକାଶ ପାଇବ ଫଳାଫଳ

– ବିହାର ନିର୍ବାଚନ ପାଇଁ ଆସନ୍ତାକାଲି ହେବ ଭୋଟ୍‌ଗଣତି

- ଏକତା ପଦଯାତ୍ରା ଭାରତୀୟତାର ପ୍ରତୀକ; ନୀଳଗିରିଠାରେ ପଦଯାତ୍ରାରେ ଯୋଗଦେଇ କହିଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟରେ ସଡ଼କ ସୁରକ୍ଷା ନିୟମାବଳୀ ପ୍ରତି ସଚେତନତା ସୃଷ୍ଟି ପାଇଁ ଆସନ୍ତା ୧୬ରୁ ପାଳନ କରାଯିବ ଶୂନ୍ୟ ମୃତାହତ ପକ୍ଷ

ଏବଂ

- ଆଜି ଉଦ୍‌ଯାପିତ ହେଉଛି ଐତିହସିକ ବାଲିଯାତ୍ରା କଟକ

# ନୂଆପଡ଼ା - ଭୋଟ ଗଣତି

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଆସନ୍ତାକାଲି ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ । ଗଣତି ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି। ନୂଆପଡ଼ା ନ୍ୟାସନାଲ କଲେଜ ପରିସରରେ ଭୋଟ୍‌ଗଣତି କରାଯିବ। ମୋଟ୍ ୧୪ଟି ଟେବୁଲ୍‌ରେ ୨୬ ରାଉଣ୍ଡ୍ ଗଣତି ହେବ । ସକାଳ ୮ଟାରୁ ପ୍ରଥମେ ପୋଷ୍ଟାଲ୍ ବାଲାଟ୍ ଗଣତି ହେବ । ଏହାର ଅଧଘଣ୍ଟା ପରେ ଇ.ଭି.ଏମ୍. ଗଣତି ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଗଣତି ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଇତିମଧ୍ୟରେ ଶେଷ ହୋଇଥିବା ଜଣାପଡ଼ିଛି। ଉପନିର୍ବାଚନରେ ଗତ ୧୧ ତାରିଖ ମଙ୍ଗଳବାର ଦିନ ୩୫୮ଟି ବୁଥ୍‌ରେ ମତଗ୍ରହଣ କରାଯାଇଥିଲା। ବିଜେପିର ଜୟ ଢୋଲକିଆ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ, କଂଗ୍ରେସର ଘାସିରାମ ମାଝୀଙ୍କୁ ମିଶାଇ ମୋଟ୍ ୧୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି।  ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୮୧ ଦଶମିକ ୪/୫ ପ୍ରତିଶତ ମତାଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ଯୋଗୁଁ ଏହି ଆସନଟି ଖାଲି ପଡ଼ିଥିଲା।

Desk

# ବିହାର ନିର୍ବାଚନ

ବିହାର ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ୍‌ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ପାଇଁ ମତଗ୍ରହଣ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୬ ତାରିଖରେ ୧୮ଟି ଜିଲ୍ଲାର ୧୨୧ଟି ଆସନ ପାଇଁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୧ ତାରିଖ ଦିନ ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ମତଦାନ ହୋଇଥିଲା ।

Desk

# ଏକତା ପଦଯାତ୍ରା

ଏକତା ପଦଯାତ୍ରା କେବଳ ଏକ ସାଧାରଣ ପଦଯାତ୍ରା ନୁହେଁ, ଏହା ଭାରତୀୟତାର ପ୍ରତୀକ। ଦେଶକୁ ଏକ ରଖିବା ପାଇଁ ସାଧାରଣ ନାଗରିକଙ୍କ କର୍ତ୍ତବ୍ୟର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ବର୍ଷବ୍ୟାପୀ ଜୟନ୍ତୀ ପାଳନ ଅବସରରେ ଆଜି ବାଲେଶ୍ୱର ଜିଲ୍ଲା ନୀଳଗିରିଠାରେ ଏକତା ପଦଯାତ୍ରାର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ’ ସଶକ୍ତ ଏବଂ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ନୀଳଗିରି ପ୍ରଜା ଆନ୍ଦୋଳନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ସଂଗ୍ରାମର ଏହା ହେଉଛି ଏକ ଅଦ୍ୱିତୀୟ ଅଧ୍ୟାୟ। ବ୍ରିଟିଶ ବିରୋଧୀ ଆନ୍ଦୋଳନରେ ନୀଳଗିରିରେ ଯୁବବର୍ଗ, କୃଷକ, ଶ୍ରମିକ ଏବଂ ଶିକ୍ଷିତ ସମାଜ ଏକତାବଦ୍ଧ ଭାବେ କାର୍ଯ୍ୟ

କରିଥିଲେ ବୋଲି ଶ୍ରୀ ମାଝୀ କହିଛନ୍ତି। ଏହି ପଦଯାତ୍ରା ନୀଳଗିରିଠାରୁ ମିତ୍ରପୁର ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା।

Puri

## ଏକତା ପଦଯାତ୍ରା

ପୁରୀ ଜିଲ୍ଲା ନିମାପଡ଼ାଠାରେ ଏହି ଅବସରରେ ଆୟୋଜିତ ଏକତା ପଦଯାତ୍ରାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାଜିପାଟଣା ଛକ ନିକଟରୁ ବାହାରି ଥିବା ପଦଯାତ୍ରା ନିମାପଡ଼ା ବାରବାଟୀ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ କର୍ମଚାରୀ ଏବଂ ସମାଜର ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ବିଭୂ ପ୍ରସାଦ ତରାଇ ଅଂଶଗ୍ରହଣ କରିଥିଲେ। ପଦଯାତ୍ରା ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଏକ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

Desk

## ଭୁବନେଶ୍ୱର-ଦୁଇଥାକିଆ ରାସ୍ତା

ଭୁବନେଶ୍ୱର ଏଜି ଛକରେ ଦୁଇ ଥାକିଆ ରାସ୍ତା ତିଆରି ହେବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମାଟି ତଳେ ଏବଂ ମାଟି ଉପରେ ଏହି ଦୁଇ ଥାକିଆ ରାସ୍ତା ନିର୍ମାଣ କରାଯିବ। ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଏଭଳି ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ୨୦ଟି ନୂଆ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଯୋଜନା କରିଛି। କଳ୍ପନା, ଖଣ୍ଡଗିରି ଏବଂ ଜୟଦେବ ବିହାରରୁ ନାଲକୋ

ଏଲିଭେଟେଡ୍ କରିଡର ପାଇଁ ଯୋଜନା ପ୍ରସ୍ତୁତ ହୋଇଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

**- V/O -**

ଏ ସଂକ୍ରାନ୍ତ ବିଭାଗୀୟ ସମୀକ୍ଷା ବୈଠକରେ ପୁରୀର ବିଭିନ୍ନ ପ୍ରକଳ୍ପ ଅଗ୍ରଗତି ନେଇ ଆଲୋଚନା ହୋଇଥିବା ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି ।

HS

## ଦିବ୍ୟାଙ୍ଗ ଶିଶୁ ସର୍ଭେ

ରାଜ୍ୟରେ ଦିବ୍ୟାଙ୍ଗ ଶିଶୁଙ୍କର ସର୍ଭେ କରାଯିବା ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଅଙ୍ଗନବାଡ଼ି କର୍ମୀ' ଘରକୁ ଘର ବୁଲି ଦିବ୍ୟାଙ୍ଗ ଶିଶୁଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ । ଏଥିପାଇଁ ସେମାନଙ୍କୁ ୫୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଜନ୍ମରୁ ୬ ବର୍ଷ ମଧ୍ୟରେ ଶିଶୁଙ୍କୁ ଏହି ସର୍ଭେରେ ସାମିଲ କରାଯିବାକୁ ନିଷ୍ପତ୍ତି ହୋଇଛି । ଜାତୀୟ ଶିକ୍ଷାନୀତି-୨୦୨୦ ସହ ବିଭିନ୍ନ ସରକାରୀ କଲ୍ୟାଣମୂଳକ ଯୋଜନାରେ ଏହି ଶିଶୁଙ୍କୁ ସହାୟତା ପ୍ରଦାନ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ସର୍ଭେ କାର୍ଯ୍ୟର ସଠିକତା ନେଇ ବିଭାଗୀୟ ଅଧିକାରୀ ଯାଞ୍ଚ କରିବେ । ଏକମାସ ମଧ୍ୟରେ ସର୍ଭେ କାର୍ଯ୍ୟ ଶେଷ କରିବା ନେଇ  ମାର୍ଗଦର୍ଶିକାରେ ସମୟସୀମା ଧାର୍ଯ୍ୟ ହୋଇଛି ।

Desk

## ଶୂନ୍ୟ ମୃତାହତ ପକ୍ଷ ପାଳନ

ରାଜ୍ୟରେ ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇଁ ଆସନ୍ତା ୧୬ରୁ ୩୦ ତାରିଖ ଯାଏଁ ଶୂନ୍ୟ ମୃତାହତ ପକ୍ଷ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏନ୍‌ଫୋର୍ସମେଣ୍ଟ, ଇଞ୍ଜିନିୟରିଂ, ଏଜୁକେସନ୍, ଇମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯାଇ ଏହି କାର୍ଯ୍ୟକ୍ରମଗୁଡ଼ିକ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ପକ୍ଷ ପାଳନ ଅବସରରେ ସଡ଼କ ନିୟମ ଉଲ୍ଲଘଂନକାରୀଙ୍କ ବିରୁଦ୍ଧରେ ଶୂନ୍ୟସହନଶୀଳ ନୀତି ଅବଲମ୍ବନ କରାଯିବ। ଯାଞ୍ଚକୁ କଡ଼ାକଡ଼ି କରାଯିବା ପାଇଁ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ମାର୍ଗଦର୍ଶିକା ଜାରି କରାଯାଇଛି। ଚିହ୍ନଟ ହୋଇଥିବା ଦୁର୍ଘଟଣା ପ୍ରବଣ ରାସ୍ତାଗୁଡ଼ିକ ଉପରେ ନଜର ରଖାଯିବା ସହ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହର କରାଯାଉଛି। ସଡ଼କ ସୁରକ୍ଷା ନିୟମଗୁଡ଼ିକ ସମ୍ପର୍କରେ ଜନସଚେତନତା ବୃଦ୍ଧି ପାଇଁ ମଧ ବ୍ୟବସ୍ଥା କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ 'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ' ପରିପ୍ରେକ୍ଷୀରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

Puri

## ରାଜସ୍ୱମନ୍ତ୍ରୀ ସମୀକ୍ଷା

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ପୁରୀ ଜିଲ୍ଲା ଗସ୍ତରେ ଯାଇ ରାଜସ୍ୱ ବିଭାଗର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଛନ୍ତି। ଜମିଜମା ସଂକ୍ରାନ୍ତ ଆହ୍ୱାନଗୁଡ଼ିକ ତ୍ୱରିତ ସମାଧାନ ନେଇ ବିଭାଗୀୟ ଅଧିକାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଛନ୍ତି। ସମସ୍ତ ଜମିଜମା, ସମସ୍ୟାର ସ୍ଥାୟୀ ତଥା ନିର୍ଭୁଲ ସମାଧାନ ଲକ୍ଷ୍ୟ ନେଇ ସରକାର ଖୁବ୍‌ଶୀଘ୍ର ଓଡ଼ିଶା ଜମି ପରିଚାଳନା ଆଇନ ପ୍ରସ୍ତୁତ କରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ମହାପ୍ରଭୁଙ୍କର ଭୂସମ୍ପତ୍ତିର ସଠିକ୍ ଆକଳନ ନେଇ ଏକ ଯୋଜନା ପ୍ରସ୍ତୁତ କରାଯାଉଥିବା ସମ୍ପର୍କରେ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି।

Kendrapara

## ଜନଶୁଣାଣି ଶିବିର

କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟଠାରେ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର୍.ଆୟାରଙ୍କ ତତ୍ତ୍ୱାବଧାନରେ ପ୍ରଥମଥର ପାଇଁ ଅନୁଷ୍ଠିତ ରାଜସ୍ୱ ଜନଶୁଣାଣି ଶିବିରରେ ମୋଟ୍ ୮୮ଟି ଅଭିଯୋଗ ପଞ୍ଜୀକୃତ ହୋଇଛି। ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ଜନଶୁଣାଣି ଶିବିର ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି।

Boudh

## ବର୍ଜ୍ୟବସ୍ତୁ ପରିଚାଳନା

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ବାୟୋ ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି

ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରାଯାଇଛି । ଜିଲ୍ଲାରେ ଥିବା ସବୁ ଡାକ୍ତରଖାନାରେ ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ନେଇ ବିଭାଗୀୟ ଅଧିକାରୀଙ୍କ ସହ ମିଳିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

Nayagarh/Dhenkanal

## ସାଇବର ସଚେତନତା

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରଠାରେ ସାଇବର ସଚେତନତା ସଂକ୍ରାନ୍ତ ଏକ ଓ୍ୱାକାଥନ ଆଜି ଅନୁଷ୍ଠିତ ହୋଇଯାଇଛି । ସାରଙ୍ଗଧର ଷ୍ଟାଡିୟମ୍‌ଠାରୁ ବାହରି ଥିବା ଏହି ଓ୍ୱାକାଥନ ସହର ପରିକ୍ରମା କରିଥିଲା । ଏଥିରେ ବହୁ ଛାତ୍ରଛାତ୍ରୀ, ପୁଲିସ ଅଧିକାରୀ ଏବଂ ସମାଜର ବିଭିନ୍ନ ବର୍ଗର ଲୋକ ଯୋଗଦେଇ ପ୍ଲାକାର୍ଡ ଏବଂ ସ୍ଲୋଗାନ ମାଧ୍ୟମରେ ସାଇବର ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ ।

ନୟାଗଡ଼ ଜିଲ୍ଲା ଶରଣକୂଳଠାରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜିଲ୍ଲା ପୁଲିସ ପକ୍ଷରୁ ଏକ ସଚେତନତା ରଥ ଶରଣକୂଳ ଅଞ୍ଚଳ ପରିକ୍ରମା କରିଛି ।

Nabarangpur

## ଜନଗଣନା

୨୦୨୭ ଜନଗଣନା ପରିପ୍ରେକ୍ଷୀରେ ପୂର୍ବ ପ୍ରସ୍ତୁତିସ୍ୱରୂପ ନବରଙ୍ଗପୁର ଜିଲ୍ଲାରେ ଗୃହ ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମ ଜାରି ରହିଛି । ତେନ୍ତୁଳିଖୁଣ୍ଟି ତହସିଲର ୨୦ଟି ଗ୍ରାମରେ ପ୍ରି-ଟେଷ୍ଟ ଜନଗଣନା

କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଡିଜିଟାଲ ମ୍ୟାପିଂ କାର୍ଯ୍ୟ ଶେଷ ହୋଇଛି । ଭାରତୀୟ ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଦତ୍ତ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ଜରିଆରେ ଏହି ୨୦ଟି ଗ୍ରାମରେ ମ୍ୟାପିଂ କରାଯାଇଛି । ବର୍ତ୍ତମାନ ଗାଁଗୁଡ଼ିକର ପ୍ରତ୍ୟେକ ଘରକୁ ଗଣନା କରାଯାଇ ଜିଓ ଟ୍ୟାଗିଂ କରାଯାଉଛି । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଗୃହ ଗଣନା କାର୍ଯ୍ୟ ଜାରି ରହିବ । ୧୫ ତାରିଖରୁ ତାଲିକା ଅନୁଯାୟୀ ଜନଗଣନା ପାଇଁ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତାଲିମପ୍ରାପ୍ତ ୬୬ ଜଣ ଗଣନାକାରୀ ଏବଂ ୧୧ ଜଣ ସୁପରଭାଇଜର୍ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

Desk

## ବାଲିଯାତ୍ରା

ଐତିହାସିକ ବାଲିଯାତ୍ରା କଟକ ଆଜି ଉଦ୍‌ଯାପିତ ହେଉଛି । ଗତ ୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ବାଲିଯାତ୍ରା ଗତକାଲି ଉଦ୍‌ଯାପିତ ହେବାର ଥିଲା । ତେବେ ମୁଖ୍ୟମନ୍ତ୍ରୀ ବାଲିଯାତ୍ରାର ଅବଧିକୁ ଆଉ ଗୋଟିଏ ଦିନ ବୃଦ୍ଧି କରିଥିଲେ । ଐତିହାସିକ ବାଲିଯାତ୍ରାର ଆଜି ଶେଷ ଦିନ ଥିବାରୁ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ କଟକଣା ଜାରି କରାଯିବା ସହ ସୁରକ୍ଷାର କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

***Puri/R***

## ବନକ ଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜିଉମାନଙ୍କୁ ବନକ ଲାଗି ନୀତି ଅନୁଷ୍ଠିତ ହେଉଛି । ଏଥିପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

Nayagarh

# କବାଡ଼ି ପ୍ରତିଯୋଗିତା

ନୟାଗଡ଼ ଜିଲ୍ଲା ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଓଡ଼ଗାଁ ବ୍ଲକ ନନ୍ଦିଘୋର ଜବାହରଲାଲ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୮ଟି ବ୍ଲକର ବାଳକ ଏବଂ ବାଳିକା ଉଭୟ ବର୍ଗରେ ୧୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଆସନ୍ତା ୧୮ ତାରିଖରେ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି ।

Nayagarh

# ଶିଶୁ ମହୋତ୍ସବ

ନୟାଗଡ଼ ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗିଫୁଲ' ଅନୁଷ୍ଠିତ ହୋଇଯାଇଛି । ଦଶପଲ୍ଲା ବ୍ଲକ ବାଣିଗୋଛା ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୮ଟି ବ୍ଲକର ୩୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

HS

# ପାଣିପାଗ

ରାଜ୍ୟରେ ଶୀତର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ତିନି ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହାପରେ ତାପମାତ୍ରା ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି।